# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 September – 2025**

---

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ଶନିବାର ଦିନ ଝାରସୁଗୁଡ଼ା ଗସ୍ତରେ ଆସି ଆମୋଲିପାଲିସ୍ଥିତ ଯୁବ ସମାବେଶରେ ଯୋଗ ଦେବେ । ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସେବାପକ୍ଷ ଅବସରରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଏହି ସମାବେଶର ଆୟୋଜନ କରାଯାଉଛି ।

---

# ସୁସ୍ଥ ନାରୀ ସଶକ୍ତ ପରିବାର

ମାଲକାନଗିରି ବ୍ଲକସ୍ତରୀୟ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟଶିବିରମାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ୍ ୩୫୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

---

# ନିଶାନିବାରଣ ଅଭିଯାନ

ରାଜ୍ୟରେ ଆସନ୍ତା ମାସ ୨ ତାରିଖ ଗାନ୍ଧି ଜୟନ୍ତୀରୁ ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ନିଶାନିବାରଣ ଅଭିଯାନ ଆରମ୍ଭ କରାଯିବ । ଆମ ସଂକଳ୍ପ **ନିଶା ନୁହେଁ ଜୀବନ ଏବଂ ନିଶାମୁକ୍ତ ଭୁବନେଶ୍ୱର ଅଭିଯାନ** ନେଇ ଏକ

ପ୍ରସ୍ତୁତି ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏହି ଅଭିଯାନ ଏକମାସ ଧରି ଚାଲିବ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯାନକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଦକ୍ଷତା କେନ୍ଦ୍ର

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଷ୍ଠାନରେ ନିଯୁକ୍ତି ପାଉଛନ୍ତି ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ଚଳିତବର୍ଷ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ ସମାବେଶରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି, ପ୍ରଶିକ୍ଷାର୍ଥୀଙ୍କ ନିଯୁକ୍ତି ଦକ୍ଷତା କେନ୍ଦ୍ରରେ ପ୍ରଦାନ କରାଯାଉଥିବା ତାଲିମର ଗୁଣବତ୍ତାକୁ ପ୍ରତିଫଳନ କରୁଛି । ୧ହଜାର ୮୮ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ସଫଳତାର ସହ ତାଲିମ ଶେଷ କରିଛନ୍ତି ।

## କଳିଙ୍ଗା ଘାଟି ମରାମତି

କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ଭୂସ୍ଖଳନ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ସଡ଼କର ମରାମତି ଜାରି ରହିଛି । ଯାତ୍ରୀଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ସଡ଼କ ପଥରେ ଯାତାୟାତକୁ ବନ୍ଦ ରଖାଯାଇଛି । ଯାନବାହାନ ଚକାପାଦ ଦେଇ ଚଳାଚଳ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ସୁସ୍ଥ ନାରୀ ସଶକ୍ତ ପରିବାର

ମାଲକାନଗିରି ବ୍ଲକସ୍ତରୀୟ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟଶିବିରମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୩୫୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

---

# ସ୍ୱଚ୍ଛ ଭାରତ ଅଭିଯାନ

ଭଦ୍ରକ ଜିଲ୍ଲା ଧାମରା ଏବଂ ଚନ୍ଦନୀପାଳଠାରେ ସେବା ସପ୍ତାହ ପାଳନ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଏଥିରେ ଯୋଗଦେଇ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ମାଧ୍ୟମରେ ପରିବେଶକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଛନ୍ତି ।

---

# ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲାରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆୟାରଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଜାରି ରହିଥିବା କାର୍ଯ୍ୟକ୍ରମ ଉପରେ ଜିଲ୍ଲାସ୍ତରୀୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ପୂଜା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

---

# ତଲାସି ଅଭିଯାନ

ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏଲ୍‌କାନୁର ଓ ଦୟାଲ ଟୁଙ୍ଗୀ ଗ୍ରାମ ନିକଟସ୍ଥ ଜଙ୍ଗଲାଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି । ବିଏସ୍‌ଏଫ୍ ଓ ଡିଭିଏଫ୍ ଯବାନଙ୍କ ମିଳିତ ଅଭିଯାନ ସମୟରେ ବହୁ ମାଓ ସାମଗ୍ରୀ ଜବତ କରାଯାଇଛି । ଗୁଇନ୍ଦା ତଥ୍ୟ ଆଧାରରେ ଏହି ତଲାସି ଅଭିଯାନ କରାଯାଉଥିବା ବିଏସ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି ।

# କ୍ରୀଡ଼ା ପ୍ରତିଯୋଗିତା

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ତୁଗୁଡ଼ିକ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଇଘର ବ୍ଲକ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୬୦ ଜଣ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ ।

# ସେବା ଯୋଜନା

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସାମୂହିକ ସେବା କାର୍ଯ୍ୟକଳାପରେ ନିୟୋଜିତ କରିବା ପାଇଁ ୧୯୬୯ ମସିହାରୁ ଜାତୀୟ ସେବା ଯୋଜନା-ଏନ୍‌ଏସ୍‌ଏସ୍‌ର ଆରମ୍ଭ କରାଯାଇଥିଲା । ପ୍ରତିବର୍ଷ ସରକାରୀ ସ୍ତରରେ ଜାତୀୟ ସେବା ଦିବସ ପାଳନ କରାଯାଉଛି । ସେବା ମାଧ୍ୟମରେ ଶିକ୍ଷା ହେଉଛି ଏନ୍‌ଏସ୍‌ଏସ୍‌ର ମୁଖ୍ୟ ଉଦ୍ଦେଶ୍ୟ । ସ୍ୱେଚ୍ଛାକୃତ ଓ ସାମୂହିକ ସେବା ମଧ୍ୟମରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ ଏବଂ ଚରିତ୍ର ଗଠନ ନେଇ କେନ୍ଦ୍ର

ସରକାରଙ୍କର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଏହା ଏକ ହେଉଛି କ୍ଷେତ୍ରୀୟ ଯୋଜନା ।

## ପାଣିପାଗ

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତାକାଲି ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶୁକ୍ରବାର ଆଡ଼କୁ ଏହା ଅଧିକ ଘନୀଭୂତ ହୋଇ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତର ରୂପ ନେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି :

**V/O**

## ହୀରାକୁଦ

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ୬ଟା ସୁଦ୍ଧା ୬୨୯ ଦଶମିକ ୯/୭ ଫୁଟ ରହିଛି । ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ ଜଳସ୍ତର ହେଉଛି ୬୩୦ ଫୁଟ । ଏହି ସମୟ ମଧ୍ୟରେ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡ୍‌ରେ ୨ ଲକ୍ଷ ୫ ହଜାର ୪୨୬ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୧ ଲକ୍ଷ ୬୭ ହଜାର ୩୦୭ ଘନଫୁଟ ଜଳ ୮ଟି ସ୍ଲୁଇସ୍ ଗେଟ୍ ଏବଂ କେନାଲ୍ ଦେଇ ନିଷ୍କାସିତ ହେଉଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଉ ଚାରୋଟି ସ୍ଲୁଇସ୍ ଗେଟ୍ ଖୋଲିବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।